# NATIONAL NEWS BULLETIN (ODIA)

**14 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ-ଯୁକ୍ତରାଷ୍ଟ୍ର ଗଣରାଜ୍ୟ -ୟୁକେ ମଧ୍ୟରେ ଆସନ୍ତାକାଲିଠାରୁ ଲାଗୁ ହେବ ଐତିହାସିକ ବ୍ୟାପକ ଆର୍ଥିକ ଓ ବାଣିଜ୍ୟିକ ଚୁକ୍ତି ।

- ଭାରତର ଇଞ୍ଜିନିୟରିଂ ଓ ଔଷଧୀୟ ସମେତ ବିଭିନ୍ନ କ୍ଷେତ୍ରରେ ହ୍ରାସ ପାଇବ ରପ୍ତାନୀ ଶୁଳ୍କ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆରମ୍ଭ ହେଲା ଦେଶର ସର୍ବବୃହତ୍ ବୟନଶିଳ୍ପ ପ୍ରଦର୍ଶନୀ-ଭାରତ ଟେକ୍ସ ୨୦୨୬ ।

- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପାକିସ୍ତାନ ସମର୍ଥିତ ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ୍ ସଇଦ୍ ବିରୋଧରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି ।

- ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ନବଯୌବନ ଦର୍ଶନ ।

ଏବଂ

- ଫିଫା ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଆଜି ଅନୁଷ୍ଠିତ ହେବ ଫ୍ରାନ୍ସ ଓ ସ୍ପେନ ମଧ୍ୟରେ ମ୍ୟାଚ୍ ।

# ଇଣ୍ଡିଆ-ୟୁକେ ଏଫ୍‌ଟିଏ

ଭାରତ ଓ ଯୁକ୍ତରାଷ୍ଟ୍ର ଗଣରାଜ୍ୟ-ୟୁକେ ମଧ୍ୟରେ ଆସନ୍ତାକାଲିଠାରୁ ବ୍ୟାପକ ଆର୍ଥିକ ଓ ବାଣିଜ୍ୟିକ ଚୁକ୍ତି ଲାଗୁହେବ । ଏହି ଚୁକ୍ତି ଫଳରେ ଭାରତରୁ ରପ୍ତାନୀ ହେବାକୁ ଥିବା ସାମଗ୍ରୀ ଗୁଡ଼ିକ ଉପରେ ୯୯ ପ୍ରତିଶତ ପର୍ଯ୍ୟନ୍ତ ରପ୍ତାନୀ ଶୁଳ୍କ ହ୍ରାସ ପାଇବ । ବିଶେଷଭାବେ ବୟନଶିଳ୍ପ, ଚମଡାଜାତ ଦ୍ରବ୍ୟ, ଜୋତା, ଔଷଧୀୟ ଉତ୍ପାଦନ ଏବଂ ଇଞ୍ଜିନିୟରିଂ କ୍ଷେତ୍ରକୁ ଅତ୍ୟଧିକ ଲାଭ ମିଳିପାରିବ । ଉଭୟ ଦେଶ ମଧ୍ୟରେ ଲୋକମାନଙ୍କୁ ବିକାଶ କାର୍ଯ୍ୟରେ ସାମିଲ କରିବା ଏବଂ ରଣନୈତିକ ଭାଗିଦାରିତା ଦୃଢ଼ କରିବା ପାଇଁ ପ୍ରତିବଦ୍ଧ । ୨୦୨୧ ମଇ ମାସରୁ ଏହି ଐତିହାସିକ ବୁଝାମଣା ଲାଗି ମଞ୍ଚ ପ୍ରସ୍ତୁତ ହୋଇଥିଲା । ୨୦୩୦ ମସିହା ପର୍ଯ୍ୟନ୍ତ ଏହି ବୁଝାମଣା ଅଧୀନରେ ଭାରତ-ୟୁକେ ବାଣିଜ୍ୟ କାରବାରକୁ ୧୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି ।

ବିଶ୍ୱସ୍ତରରେ ଭାରତର ବିକାଶ ଯାତ୍ରାକୁ ସମନ୍ୱିତ, ସହନଶୀଳ ଏବଂ ପ୍ରତିଯୋଗିତା ସମ୍ପନ୍ନ କରିବା ଲାଗି ଏହି ବୁଝାମଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି । ଉଭୟ ଦେଶ ମଧ୍ୟରେ ଏହି ବୁଝାମଣାର ରୂପରେଖ ଜନକୈନ୍ଦ୍ରିକ ହୋଇପାରିଛି । ସୂଚନା ଅନୁଯାୟୀ ଭାରତରୁ ରପ୍ତାନୀ ହେବାକୁ ଥିବା ଖାଦ୍ୟସାମଗ୍ରୀ ଉତ୍ପାଦ ଉପରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ହ୍ରାସ ହେବାକୁ ଥିବାବେଳେ ସାମୁଦ୍ରିକ ଉତ୍ପାଦ ଉପରେ ୨୧ ପ୍ରତିଶତରୁ ଅଧିକ, ଇଞ୍ଜିନିୟରିଂ ଏବଂ ଅଟୋ ଯନ୍ତ୍ରାଂଶ ଉପରେ ୧୮ ପ୍ରତିଶତ ଚମଡା ଏବଂ ଜୋତା ଉତ୍ପାଦ ଉପରେ ୧୬

ପ୍ରତିଶତ ପର୍ଯ୍ୟନ୍ତ ଓ ବୟନ ଉତ୍ପାଦ ଉପରେ ୧୨ ପ୍ରତିଶତ ଶୁଳ୍କ ହ୍ରାସ ପାଇ ଶୂନ୍ୟ ହେବ । ଏହି ବୁଝାମଣା ଦେଶର କୃଷକ, ମତ୍ସ୍ୟଜୀବୀ, ଏମ୍‌ଏସ୍‌ଏମ୍‌ଇ, ନିର୍ମାତାଙ୍କ ବ୍ୟବସାୟକୁ ସହଜ ଓ ସୁଦୃଢ଼ କରିବା ସହ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଭାରତର ସମନ୍ୱୟକୁ ସୁଦୃଢ଼ କରିବ ।

---

# ଏମ୍‌ଇଏ ପିଡିଜି ମିଟିଂ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀପ୍ରିୟା  ରଙ୍ଗନାଥନ ଭାରତ ଓ ପାଲେଷ୍ଟାଇନ୍ ମଧ୍ୟରେ ଥିବା ଦୀର୍ଘକାଳୀନ ସହଯୋଗପୂର୍ଣ୍ଣ ସମ୍ପର୍କକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତକାଲି ବ୍ରସେଲ୍ସରେ ପାଲେଷ୍ଟାଇନ୍ ଡୋନର ଗ୍ରୁପ୍‌ର ଦ୍ୱିତୀୟ ମନ୍ତ୍ରିସ୍ତରୀୟ ବୈଠକରେ ଭାରତର ଯୋଗଦାନ ପରେ ସେ କହିଛନ୍ତି ପାଲେଷ୍ଟାଇନ୍ ଅଧିବାସୀମାନଙ୍କର ସାମଗ୍ରିକ ବିକାଶ, କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଏବଂ ମାନବିକ ସହାୟତା କ୍ଷେତ୍ରରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି ପାଲେଷ୍ଟାଇନ୍‌ରେ ଚାଲିଥିବା ଭାରତ ସମର୍ଥିତ ଓ ଅନୁଦାନପ୍ରାପ୍ତ ପ୍ରକଳ୍ପ ଗୁଡ଼ିକ ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ଶିକ୍ଷା, ସାମର୍ଥ୍ୟନିର୍ମାଣ ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ଉପରେ ପର୍ଯ୍ୟବସିତ । ଏହି ଅବସରରେ ଶ୍ରୀମତୀ ରଙ୍ଗନାଥନ ପୁର୍ନବାସ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ସମ୍ପର୍କିତ କେତେକ ନୂଆ ପ୍ରକଳ୍ପର ଘୋଷଣା କରିଛନ୍ତି । ପାଲେଷ୍ଟାଇନ୍ ଶରଣାର୍ଥୀଙ୍କ ଥଇଥାନ ନିମନ୍ତେ ଭାରତ ଜାତିସଂଘ ରିଲିଫ ଏବଂ କାର୍ଯ୍ୟ ପ୍ରତିଷ୍ଠାନକୁ ନିରନ୍ତର ସହାୟତା ଯୋଗାଇ ଦେଉଥିବା ସେ କହିଛନ୍ତି ।

---

## ଟେକ୍ସଟାଇଲ୍-ଏକ୍ସପୋ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆଜି ଦେଶର ସର୍ବବୃହତ୍ ବିଶ୍ୱସ୍ତରୀୟ ବୟନଶିଳ୍ପ ପ୍ରଦର୍ଶନୀ ଭାରତ ଟେକ୍ସ-୨୦୨୬କୁ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ପରିକଳ୍ପନାରେ ଆୟୋଜିତ ଏହି ପ୍ରଦର୍ଶନୀ ଆନ୍ତର୍ଜାତିକ ମଞ୍ଚରେ ପରିଣତ ହୋଇଛି । ଚଳିତବର୍ଷ ୧୩୦ଟି ଦେଶରୁ ୬୦ହଜାରରୁ ଅଧିକ କ୍ରେତା ଓ ପ୍ରଦର୍ଶନକାରୀଙ୍କ ସହ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ଏବଂ ଉଦ୍ୟୋଗୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି । ବିଭିନ୍ନ ଦେଶ ସହ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତି ଦେଶର ବୟନଶିଳ୍ପ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିଥିବା ସେ କହିଛନ୍ତି ।

**V/O (Giriraj Singh)**

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏବଂ ବିଭିନ୍ନ ରାଜ୍ୟର ବୟନଶୀଳ୍ପ ମନ୍ତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରାୟ ୧୪ଟି ଦେଶର ପ୍ରଦର୍ଶନ ଏବଂ ୨୦ରୁ ଅଧିକ ଦେଶର ୩୫୦ ବିଶେଷଜ୍ଞ ଓ ବକ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଭାରତ ଟେକ୍ସ ୨୦୨୬ରେ ୨୦ହଜାରରୁ ଅଧିକ ବୟନଜାତ ଉତ୍ପାଦ ପ୍ରଦର୍ଶିତ ହୋଇଛି ।

---

## ଏନ୍‌ଆଇଏ ୱାରେଣ୍ଟ ସାଇଡ୍

ଜାମ୍ମୁର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ପାକିସ୍ତାନ ସମର୍ଥିତ ଆତଙ୍କୀ ଗୋଷ୍ଠୀ ଲସ୍କର-ଏ-ତୋଏବାର ମୁଖ୍ୟ ହାଫିଜ ସଇଦ୍ ବିରୋଧରେ ଜାମିନ ବିହୀନ

ଗିରଫ ପରୱାନା ଜାରି କରିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଚାଲିଥିବା ତଦନ୍ତ ପ୍ରକ୍ରିୟାର ଅଂଶସ୍ୱରୂପ ଏହି ୱାରେଣ୍ଟ ଜାରି କରାଯାଇଥିବା ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି । ଗତ ୮ ତାରିଖରେ ଏନ୍ଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏହି ୱାରେଣ୍ଟ ଜାରି କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍ଆଇଏ ଏହି ଘଟଣାରେ ହାଫିଜ ସଇଦ୍ ବିରୋଧରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିବାର ଦୁଇଦିନ ପରେ କୋର୍ଟ ୱାରେଣ୍ଟ ଜାରି କରିଛନ୍ତି । ଲସ୍କର-ଏ-ତୋଏବା ମୁଖ୍ୟଙ୍କ ବିରୋଧରେ ଭାରତୀୟ ନ୍ୟାୟସଂହିତାର ବିଭିନ୍ନ ଧାରାରେ ମାମଲ ରୁଜୁ କରାଯାଇଛି । ସୂଚନାଯୋଗ୍ୟ ଗତବର୍ଷ ସଂଗଠିତ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଥିଲା ।

---

## ନବଯୌବନ ଦର୍ଶନ

ଆଜି ନେତ୍ରୋତ୍ସବରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ପରମ୍ପରା ଅନୁସାରେ ଶ୍ରୀସୁଦର୍ଶନଦେବଙ୍କ ବୁଣାଟ ନୀତି ଶେଷ ହେବା ପରେ ଚକ ଅପସର କରାଯିବ । ଏହାପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି ଶେଷ କରାଯାଇ ଦଶ ଅବତାର ଠାକୁର ବାହୁଡ଼ା ବିଜେ କରିବେ । ପରେ ତାଟି ଫିଟିବା ସହ ଶ୍ରୀବିଗ୍ରହମାନଙ୍କର ନବଯୌବନ ଦର୍ଶନ ଅନୁଷ୍ଠିତ ହେବ । ନୀତିନିର୍ଘଣ୍ଟ ଅନୁସାରେ ଆଜି ଅପରାହ୍ଣ ପ୍ରାୟ ୨ଟା ପରଠାରୁ ପ୍ରଥମ ଭିତରକାଠ ନିକଟରୁ ପରିମାଣିକ ଦର୍ଶନ ଓ ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବ ।

ଆସନ୍ତା ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ୟୁଏନ୍‌ଏସ୍‌ସି-ଇଣ୍ଡିଆ

ଜାତିସଂଘ ପରିଷଦ – ୟୁ.ଏନ୍.ଏସ୍.ସି.ର ୨୦୨୮-୨୯ କାର୍ଯ୍ୟକାଳ ପାଇଁ ଅସ୍ଥାୟୀ ସଦସ୍ୟ ଭାବେ ଭାରତ ନିର୍ବାଚନ ଲଢ଼ିବ । ଆନୁଷ୍ଠାନିକ ଭାବେ ଏଥିପାଇଁ ଭାରତ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ସଦସ୍ୟତା ପାଇଁ ଭାରତର ଅଭିଯାନକୁ ନେତୃତ୍ୱ ନେବାଲାଗି ନ୍ୟୁୟର୍କରେ ଅଛନ୍ତି ।

ନ୍ୟୁୟର୍କ ସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଗତ ରାତିରେ ଭାରତର ପ୍ରାର୍ଥିତ୍ୱ ନେଇ ପଦକ୍ଷେପ ଆରମ୍ଭ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି, ବିଶ୍ୱ ଶାନ୍ତି, ସୁରକ୍ଷା ଏବଂ ସମନ୍ୱିତ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଭାରତର ଶାନ୍ତି, ଆଦର୍ଶ, ବିଶ୍ୱାସ ଏବଂ ଅଖଣ୍ଡତା ଆଧାରିତ ଦୃଷ୍ଟିକୋଣ ସହାୟକ ହୋଇପାରିବ । ଅସ୍ଥାୟୀ ସଦସ୍ୟ ପାଇଁ ଭାରତର ଯୋଗ୍ୟତା ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର ଜାତିସଂଘ ଶାନ୍ତି ମିଶନ୍‌ରେ ଭାରତର ଅବଦାନ ଉପରେ ମତ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି, ଏହି ମିଶନ୍ କାର୍ଯ୍ୟକାରୀ ହେବା ପରଠାରୁ ଭାରତର ପ୍ରାୟ ୩ ଲକ୍ଷ କର୍ମଚାରୀ ୫୦ଟି ମିଶନ୍‌ରେ ଅଂଶଗ୍ରହଣ କରିଛନ୍ତି ।

# ୟୁଏସ୍-ଇରାନ୍ ହର୍ମୁଜ୍

ଯୁକ୍ତରାଷ୍ଟ୍ର ଆମେରିକା ତୃତୀୟଦିନ ପାଇଁ ଇରାନ୍ ଉପରେ ଆକ୍ରମଣ ଜାରି ରଖିଛି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ - ସେଣ୍ଟ କମ୍ ପକ୍ଷରୁ କୁହାଯାଇଛି ଯେ, ଆବୁ, ମୂଷା, ବନ୍ଦର ଆବାସ, ବୁସେହର, ଚାବାହର, ଜାସ୍କ ଏବଂ କୋନାରକ ଅଞ୍ଚଳରେ ଇରାନ୍‌ର ଉପକୂଳ ପ୍ରତିରକ୍ଷା ବ୍ୟବସ୍ଥା, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଘାଟୀ ସହ ସାମୁଦ୍ରିକ ସାମରିକ କ୍ଷମତାକୁ ଲକ୍ଷଭେଦ କରାଯାଇଛି । ଇରାନ୍ ଏହି ଆକ୍ରମଣକୁ ସ୍ୱୀକାର କରିଥିଲେ ମଧ୍ୟ କୌଣସି ଜୀବନହାନୀ କିମ୍ବା କ୍ଷୟକ୍ଷତିର ସୂଚନା ଦେଇନାହିଁ । ପ୍ରତିକ୍ରିୟାରେ ଇରାନ୍ ବାହାରିନ୍, ଜୋର୍ଡାନ୍ ଏବଂ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ସଂଯୁକ୍ତ ଆରବ ଏମିରେଟ୍‌ସ ସହ ସମ୍ପର୍କରେ ଥିବା ୨ଟି ତୈଳବାହୀ ଜାହାଜ ଉପରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ୬ଜଣ ଭାରତୀୟ ଓ ୨ଜଣ ୟୁକ୍ରେନ ନାଗରିକ ଆହତ ହୋଇଛନ୍ତି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌ର ପ୍ରତିଆକ୍ରମଣ ଜବାବରେ ନାଟାଞ୍ଜି ନିକଟ ଏକ ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିଦେବାକୁ ଚେତାବନୀ ଦେଇଛନ୍ତି ।

---

# ବିଜେପି-ଆପ୍-କଂଗ୍ରେସ

୨୦୨୦ରେ ସଂଗଠିତ ଦିଲ୍ଲୀ ଦଙ୍ଗାରେ ଅଙ୍କିତ ଶର୍ମା ନାମକ ଗୁଇନ୍ଦା ଅଧିକାରୀଙ୍କ ହତ୍ୟା ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଆମ୍ ଆଦ୍‌ମୀ ପାର୍ଟି ଓ କଂଗ୍ରେସ ସମର୍ଥନ କରୁଥିବା ବିଜେପି ଅଭିଯୋଗ କରିଛି ।

ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ ଅବସରରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଗୌରବ ଭାଟିଆ ଦିଲ୍ଲୀ ନ୍ୟାୟାଳୟଙ୍କ ଆଦେଶକୁ ସ୍ୱାଗତ କରିଛନ୍ତି । ଗତକାଲି ଦିଲ୍ଲୀର ଏକ ନ୍ୟାୟାଳୟ ଆମ୍ ଆଦ୍‌ମୀ ପାର୍ଟିର ପୂର୍ବତନ କାଉନ୍‌ସିଲର ତାହିର୍ ହୁସେନ ଏବଂ ଅନ୍ୟ ୪ଜଣଙ୍କୁ ଗୁଇନ୍ଦା ଅଧିକାରୀଙ୍କ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ କରିଥିଲେ । ଶ୍ରୀ ଭାଟିଆ ଆପ୍‌ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲଙ୍କୁ ଭୋଟ୍ ବ୍ୟାଙ୍କ ରାଜନୀତି ଲାଗି ଅଭିଯୁକ୍ତ ହୁସେନଙ୍କୁ ସମର୍ଥନ କରୁଥିବା ପ୍ରସଙ୍ଗରେ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଶ୍ରୀ କେଜରିୱାଲଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଦିଲ୍ଲୀ ଦଙ୍ଗା ତାଙ୍କ ଇଶାରାରେ ହୋଇଥିଲା । ଶ୍ରୀ ଭାଟିଆ' ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ।

## ଫିଫା-ବିଶ୍ୱକପ୍

ଫିଫା ବିଶ୍ୱକପ୍‌ରେ ଆଜି ପ୍ରଥମ ସେମିଫାଇନାଲ ଫ୍ରାନ୍ସ ଏବଂ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରେ ଟେକ୍ସାସ୍‌ର ଦଲାସ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଆରମ୍ଭ ହେବ । ତୃତୀୟଥର ପାଇଁ ଫ୍ରାନ୍ସ ଫିଫା ବିଶ୍ୱକପ୍ ଫାଇନାଲରେ ପହଞ୍ଚିବା ପାଇଁ ଉଦ୍ୟମ କରିବ । ସୂଚନାଯୋଗ୍ୟ ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ ୨-୦ ମୋରୋକ୍କୋକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିବା ବେଳେ ସ୍ପେନ୍ ୨-୧ରେ ବେଲ୍‌ଜିୟମକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ଅଧିକାର କରିଛି ।

# କ୍ରିକେଟ୍

ଭାରତ-ଇଂଲଣ୍ଡ ମଧ୍ୟରେ ଆଜିଠାରୁ ତିନିଟିକିଆ ପୁରୁଷ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆରମ୍ଭ ହେଉଛି । ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍‌ଠାରେ ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ ତିନିଟାରେ ଖେଳାଯିବ । ବିରାଟ କୋହଲି, ରୋହିତ ଶର୍ମା ଏବଂ ଯଶପ୍ରୀତ ବୁମ୍‌ରା ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

---

# ହକି-ଓ୍ୱେମେନ

ଭାରତୀୟ ଜୁନିୟର ମହିଳା ୨୧ବର୍ଷରୁ କମ୍ ହକି ଦଳ ଆଜି ଇଂଲଣ୍ଡର ଲିଲେସଲ ନ୍ୟାସନାଲ ସ୍ପୋର୍ଟ୍ସ ସେଣ୍ଟରରେ ବେଲଜିୟମକୁ ଭେଟିବ । ବ୍ରିଟେନ ଗସ୍ତରେ ଥିବା ଭାରତୀୟ ଦଳର ଏହି ଶେଷ ପ୍ରଦର୍ଶନୀ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଇଂଲଣ୍ଡ ବିପକ୍ଷରେ ୨-୦ ଗୋଲରେ ବିଜୟ ହାସଲ କରିଥିବା ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବିଜୟ ଲକ୍ଷ୍ୟ ରଖିଛି । ଏହାପୂର୍ବରୁ ଭାରତ' ଆମେରିକା ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସୀତ ରହିଥିଲେ ମଧ୍ୟ ସୁଟ୍‌ଆଉଟ୍‌ରେ ଭାରତ ୩-୨ ଗୋଲ୍‌ରେ ପରାସ୍ତ ହୋଇଥିଲା ।

---